## ପୋଷ୍ଟାଲ୍ ଜମା ହଡ଼ପ: ସିବିଆଇ ତଦନ୍ତ ଜାରି

# ୩ ଜଣଙ୍କ ନାଁରେ ମାମଲା ରୁଜୁ

**ଭୁବନେଶ୍ବର,୧୮।୬/ଏନ୍‌ଏନ୍‌ଏସ୍:**

ଡାକ ଘରେ ଜମା ଟଙ୍କା ହଡ଼ପ ଅଭିଯୋଗ ନେଇ କଳାହାଣ୍ଡି ଜିଲ୍ଲାର ୯ ଟି ସ୍ଥାନରେ ଗତକାଲି ସିବିଆଇ ଚଢ଼ଉ କରିଥିବା ବେଳେ ପୋଷ୍ଟମାଷ୍ଟରଙ୍କ ସମେତ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ବହୁ ଗରିବ ଓ ବିପିଏଲ୍ ଜମାକାରୀଙ୍କ ପ୍ରାୟ ଦେଢ଼ କୋଟି ଟଙ୍କା ହଡ଼ପ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ସିବିଆଇ ଏସ୍‌ପି କହିଛନ୍ତି। ଏ ସମ୍ପର୍କରେ କେତେକ ଅଧିକାରୀଙ୍କୁ ସିବିଆଇ ନୋଟିସ୍ କରିଥିବା ସୂଚନା ମିଳିଛି। ସମ୍ପୃକ୍ତ ପୋଷ୍ଟମାଷ୍ଟରଙ୍କ ଘରେ ଓ ସମ୍ପର୍କୀୟଙ୍କ ଘର ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ କରି ସିବିଆଇ କେତେକ କାଗଜପତ୍ର ଜବତ କରିଛି।

ସିବିଆଇ ସୂତ୍ରରୁ ମିଳିଥିବା ତଥ୍ୟାନୁଯାୟୀ କଳାହାଣ୍ଡି ଜିଲ୍ଲା ଯେଉଁ ସବୁ ଡାକଘରେ ଏହି ଦୁର୍ନୀତି ହୋଇଛି ସେଠାରେ ମାସିକ ଆୟ ସ୍କିମ୍ ଓ ରିକରିଂ ଜମା ସ୍କିମ୍‌ରେ ହୋଇଥିବା ଜମା ଟଙ୍କା ହଡ଼ପ କରାଯାଇଛି। ସମ୍ପୃକ୍ତ ପୋଷ୍ଟମାଷ୍ଟରଙ୍କ ଘରୁ ଏ ସମ୍ପର୍କିତ କେତେକ ନଥିପତ୍ର ଜବତ କରାଯାଇଥିବା ସିବିଆଇର ଜଣେ ତଦନ୍ତକାରୀ ଅଧିକାରୀ କହିଛନ୍ତି। କଳାହାଣ୍ଡି ଜିଲ୍ଲାରେ ଆଉ କେତେକ ପୋଷ୍ଟ ଅଫିସ୍‌ରେ ଏଭଳି ହୋଇଥିବା ସନ୍ଦେହ କରି ସିବିଆଇର ଗୋଟିଏ ଟିମ୍ ବିଭିନ୍ନ ସ୍ଥାନରେ ତନାଘନା କରିଛି। ଆଉ ୩ଟି ପୋଷ୍ଟ ଅଫିସ୍‌ରେ ଯାଞ୍ଚ ବେଳେ ଜମା ଟଙ୍କା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ। କଳାହାଣ୍ଡିର ପାଣ୍ଡିଗୁଡ଼ି ପୋଷ୍ଟ ଅଫିସ୍‌ରେ ବହୁ ପରିମାଣର ଅର୍ଥ ହେରଫେର୍ ହୋଇଥିବା ସିବିଆଇ ସନ୍ଦେହ କରୁଛି। କଳାହାଣ୍ଡି ଜିଲ୍ଲାରେ ଥିବା ୩୪ ପୋଷ୍ଟ ଅଫିସ ଓ ୩୭୮ ସବ୍ ପୋଷ୍ଟ ଅଫିସ୍ ମଧ୍ୟରୁ କେବଳ ୯ଟି ପୋଷ୍ଟ ଅଫିସ୍‌ରେ ସିବିଆଇ ଚଢ଼ଉ କରିଛି। ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି। ଏହା ପୂର୍ବରୁ ଭୁବନେଶ୍ବର ଡାକଘର ଦୁର୍ନୀତିରେ ସିବିଆଇ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସିବିଆଇ ଟିମ୍ ସମସ୍ତ କାଗଜପତ୍ର ଜବତ କରି ଭୁବନେଶ୍ବର ନେଇ ଆସିଛନ୍ତି। ଘଟଣା ସମ୍ପର୍କରେ ଆଉ କେତେଜଣଙ୍କୁ ଖୁବ୍‌ଶୀଘ୍ର ନୋଟିସ୍ କରାଯିବ ବୋଲି ଜଣାପଡ଼ିଛି।